## ଅନ୍‌ଲାଇନରେ ଶିଶୁଙ୍କୁ ସହାୟତା ପାଇଁ ପିକକ ଆରମ୍ଭ କଲା ହେଲ୍ପ ଲାଇନ୍

## ପରାମର୍ଶ ସହ ମିଳିବ କ୍ୟାରିଅର କାଉନସେଲିଂ

ଭୁବନେଶ୍ୱର : ସହାୟତା ଚାହୁଁଥିବା ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ପ୍ରକାର ପରାମର୍ଶ ଓ ସହଯୋଗ ଲାଗି ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲ୍‌ସ କଲଚରାଲ ସେଣ୍ଟର (ପିକକ) ଆରମ୍ଭ କରିଛି ଅନ୍‌ଲାଇନ୍ ସହାୟତା ବ୍ୟବସ୍ଥା । ଏଥିପାଇଁ ପିକକ୍ ପକ୍ଷରୁ ୱେବସାଇଟ୍ **www.pecuchelpline.com** ଓ **pecuc.counselling2020@gmail.com** ସହିତ ହ୍ୱାଟସ ଅପ୍ ନମ୍ବର ୭୮୪୯୦୧୦୦୨୧ ଏବଂ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୩୫୨୨୭୮ ଜାରି କରାଯାଇଛି । ଆଜି ପିକକ୍ ପକ୍ଷରୁ ଆୟୋଜିତ ଏକ ଭର୍ଚୁଆଲ କର୍ମଶାଳାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସଂଧାବତୀ ପ୍ରଧାନ ଏହି ୱେବସାଇଟ୍‌କୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରମତୀ ପ୍ରଧାନ ସୁରକ୍ଷିତ ଓ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ରର ମଧ୍ୟ ଉଦ୍‌ଘାଟନ କରିଥିଲେ ।  ପିକ୍‌କର ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ସାରା ଓଡିଶା ଓ ଓଡିଶା ବାହାର ଶିଶୁମାନେ ଏହାଦ୍ୱାରା ସହାୟତା ପାଇପାରିବେ ବୋଲି ସେ କହିଛନ୍ତି । ବିଶେଷକରି ଏହି ସେବା ମାଧ୍ୟମରେ ଶିଶୁମାନଙ୍କୁ ସାମାଜିକ ମନସ୍ତତ୍ୱର ସହାୟତା ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ୍ । ସେ କହିଥିଲେ ଯେ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ସମସ୍ତଙ୍କୁ ଶିକ୍ଷାପ୍ରଦାନ କରିବା ପାଇଁ ବେସରକାରୀ ସଂଗଠନ, ସରକାରୀ ବିଭାଗ ଓ ଶିଶୁ ଅଧିକାର ସୁରକ୍ଷା ଆୟୋଗ ମଧ୍ୟରେ ସମନ୍ୱୟ୍ ରହିବା ଆବଶ୍ୟକ । କୋଭିଡ ମହାମାରୀ ସମୟ୍‌ରେ ପିଲାଙ୍କ ପାଠପଢା ଗୁରୁତର ବ୍ୟାହତ ହୋଇଥିବାବେଳେ ତାହା ପୁଣି କିଭଳି ପୂର୍ବାବସ୍ଥାକୁ ଫେରିବ ସେଥିପାଇଁ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀମତୀ ପ୍ରଧାନ ମତ ଦେଇଥିଲେ ।

ପିକକର ଅଧକ୍ଷା ମିନାକ୍ଷୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅନ୍‌ଲାଇନ୍ ସହାୟତା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ଏହା ମାଧ୍ୟମରେ କୈଶୋର ସମସ୍ୟା, କ୍ୟାରିଅର କାଉନସେଲିଂ ଓ ବିଭିନ୍ନ କୌଶଳ ଶିକ୍ଷା ମଧ୍ୟ ଯୋଗାଇ ଦିଆଯିବ । ପିକକ ଓ ଶିକ୍ଷା ସନ୍ଧାନ ପକ୍ଷରୁ କେନ୍ଦୁଝର ଓ ମୟୁରଭଞ୍ଜର ୫୦ଟି ଗ୍ରାମରେ ଗତ ତିନିବର୍ଷ ଧରି ଶିଶୁ ଅଧିକାର ଅଭିଯାନ ଚାଲିବା ନେଇ ଶ୍ରୀମତୀ ମହାନ୍ତି ସୂଚନା ଦେଇଥିଲେ ।

ଏହି କର୍ମଶାଳାରେ ଯୋଗଦେଇ ଓସେପାର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ କୋଭିଡ ସମୟ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶିକ୍ଷାଦାନ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ରେଡିଓ ପାଠଶାଳା ଓ ଶିକ୍ଷାଦର୍ପଣ ଭଳି କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ବିଦ୍ୟାଳୟ୍‌ଗୁଡିକ ପ୍ରସ୍ତୁତ ଥିବା କହିଥିଲେ । ନୀତି ଆୟୋଗରେ ଶିଶୁ ଅଧିକାର ସୁରକ୍ଷା ଷ୍ଟାଣ୍ଡିଂକମିଟିର ସଦସ୍ୟ ଥିବା ସଞ୍ଜୟ୍ ମିଶ୍ର ପିକକ ଦ୍ୱାରା ଆରମ୍ଭ କରାଯାଇଥିବା ହେଲ୍ପଲାଇନ୍‌କୁ ପ୍ରଶଂସା କରିଥିବାବେଳେ ସମସ୍ତ ଶିଶୁ କିଭଳି ଶିକ୍ଷାଲାଭ କରିବେ ସେଥିପାଇଁ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମିହଳା ଓ ଶିଶୁ ବିକାଶ ବିଭାଗର ପରାମର୍ଶଦାତା ମଧୁମିତା ଦାସ ଆଦ୍ୟ ଶୈଶବରେ ପିଲାଙ୍କ ଯତ୍ନ ଓ ପାଠପଢା ନେଇ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହି ଅବସରରେ କହିଥିଲେ ଯେ ଅନ୍‌ଲାଇନ୍ ହେଲ୍ପଲାଇନ୍ ହେଉଛି ଏକ ନୂତନ କାର୍ଯ୍ୟକ୍ରମ । ଏହାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡା । ପିଲାଙ୍କ ଉପରେ ହେଉଥିବା ହିଂସା ରୋକିବାକୁ ସମସ୍ତେ ସହଯୋଗ କରିବା ଆବଶ୍ୟକ । ବିଭିନ୍ନ ବିଭାଗର ସହାୟତାରେ ହେଲ୍ପଲାଇନ୍ ଜରିଆରେ ପିଲାଙ୍କୁ ସହାୟତା ଯୋଗାଯାଇ ପାରିବ । ବର୍ତ୍ତମାନ ସୁଦ୍ଧା ପିକକ ପ୍ରାୟ୍ ୩୫ହଜାର ପିଲାଙ୍କୁ  ବିଭିନ୍ନ ଶ୍ରମ କ୍ଷେତ୍ରରୁ ଉଦ୍ଧାର କରି ବିଦ୍ୟାଳୟ୍‌କୁ ପଠାଇଥିବା ସେ ସୂଚନା ଦେଇଥିଲେ । ଶିଶୁଶ୍ରମ ଉଚ୍ଛେଦ ପାଇଁ ନିରାପଦ ଓ ଗୁଣାତ୍ମକ ଶିକ୍ଷା ଏକ ଜରୁରୀ ଆବଶ୍ୟକତା ବୋଲି ସେ କହିଥିଲେ । ଶେଷରେ ପିକକର କୋଷାଧକ୍ଷା ଶ୍ରମତୀ ରତ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।